# ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରୁଛି ଅର୍ପଣ ରଥ



**ତାଳଚେର ସଦର, ୮।୧(ସମିସ):** ଅନଗୁଳ ଜିଲ୍ଲାର ତାଳଚେର ପୌରପରିଷଦ ପକ୍ଷରୁ ସୋମବାର ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନିମନ୍ତେ ଅକ୍ଷତ ଓ ଗୁଆ ସଂଗ୍ରହ ପାଇଁ ଆରମ୍ଭ ହୋଇଛି ଅର୍ପଣ ରଥଯାତ୍ରା। ଗାଁ ଗାଁରେ ଏହି ରଥ ବୁଲୁଥିବାବେଳେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହେଉଛି। ଆଜିଠାରୁ ଆରମ୍ଭ ହୋଇଥିବା ରଥଯାତ୍ରା ପ୍ରତ୍ୟେକ ୱାର୍ଡ ବୁଲିବା ସହ ଘର ଘର ବୁଲି ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରିବ। ଏହାକୁ ପୌରପାଳିକା ତତ୍ତ୍ୱାବଧାନରେ ତାଳଚେର ଜଗନ୍ନାଥମନ୍ଦିରରେ ରଖାଯାଇ ପୁରୀଧାମ ଶ୍ରୀମନ୍ଦିର ପ୍ରକଳ୍ପ ଉଦ୍‌ଘାଟନ ପୂର୍ବରୁ ସଯତ୍ନର ସହ ପଠାଯିବ ବୋଲି ପୌର ଅଧିକାରୀ ସୂଚନା ଦେଇଥିଲେ। ଆଜି ଏହି ରଥ ୧, ୨, ୩ ନମ୍ବର ୱାର୍ଡ଼ରେ ପରିକ୍ରମା କରିଥିଲା। ଏହି ଶୁଭ କାର୍ଯ୍ୟକ୍ରମ ଆଜି ତାଳଚେର ଜଗନ୍ନାଥ ମନ୍ଦିରଠାରୁ ଆରମ୍ଭ ହୋଇଥିଲା ଏଥିରେ ପୌର ଅଧିକାରୀ ବଳୟ ଦେହୁରୀ ଓ ନଗରପାଳ ପବିତ୍ର ଭୂତିଆ ପୂଜାର୍ଚ୍ଚନା କରି ଏହି ପରିକଳ୍ପନା ରଥକୁ ଶୁଭାରମ୍ଭ କରିଥିଲେ। ଘଣ୍ଟ ଶଙ୍ଖ ଜୟଜଗନ୍ନାଥ ହରିବୋଲ ହୁଳହୁଳି ସହ ଏହି ରଥ ସହର ପରିକ୍ରମା କରିଥିଲା। ଏଥିରେ ଏକ ନମ୍ବର ୱାର୍ଡ଼ କାଉନ୍‌ସିଲର ଆସିଫ ଖାନ, ୨ ନମ୍ବର ୱାର୍ଡ କାଉନ୍‌ସିଲର ଯଶୋବନ୍ତ ମିଶ୍ର, ତିନି ନମ୍ବର ୱାର୍ଡ କାଉନ୍‌ସିଲର ଲିପିକା ବେହେରା ଓ ବାନମ୍ବର ଭୁତିଆଙ୍କ ନେତୃତ୍ୱରେ ବହୁ ମହିଳା ଓ ଯୁବଗୋଷ୍ଠୀ, ମହିଳା ଏସ୍‌ଏଚ୍‌ଜି ଗ୍ରୁପ, କୀର୍ତ୍ତନ ମଣ୍ଡଳୀ ସମେତେ ପୌର କର୍ମଚାରୀମାନେ ଉପସ୍ଥିତ ଥିଲେ। ତାଳଚେର ପୌରପରିଷଦ ପକ୍ଷରୁ ଏହି ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା। ଏନେଇ ସହର ଗଳିକନ୍ଦିରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା।

**କଣିହାଁ:** ଅନୁଗୁଳ ଜିଲ୍ଲା ସଂସଦୀୟ କ୍ଷେତ୍ର ତାଳଚେର ପାଲଲହଡ଼ା ନିର୍ବାଚନ ମଣ୍ଡଳୀ କଣିହା ବ୍ଲକ ପ୍ରଶାସନିକ ଅଧିକାରୀମାନେ ଅର୍ପଣ ରଥକୁ କଣିହା ବ୍ଲକ ୨୭ ପଞ୍ଚାୟତରୁ ଆଜି ୧୨ ପଞ୍ଚାୟତ ଗୁଡିକହେଲା କମରେଇ ବଡ଼ଗୁଣ୍ଡୁରୀ କର୍ଣ୍ଣପାଳ କୁଲେଇ ବୁରୁକର୍ଣ୍ଣ ସମଲ ଡେରଙ୍ଗ ରେଙ୍ଗାଲି ତାଳପଦା ବାଲିପଶି ଗଣ୍ଡମାଳା ହନୁମାନପୁର ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଅର୍ପଣ ରଥ ପରିକ୍ରମା କରି ପୂଜାର୍ଚ୍ଚନା କରିଥିଲେ। କମରେଇ ପଞ୍ଚାୟତ ଅନ୍ତର୍ଗତ ଗଣ୍ଡବେରଣ ଗୋପେଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣରେ ସାଂସଦ ମହେଶ ସାହୁ, ବିଧାୟକ ବ୍ରଜ କିଶୋର ପ୍ରଧାନ ପହଞ୍ଚି ଅକ୍ଷତ ଗୁଆ ସଂଗ୍ରହ ଅର୍ପଣ ରଥକୁ ସ୍ୱାଗତ କରିଥିଲେ। ସଙ୍କୀର୍ତ୍ତନ ମଣ୍ଡଳୀ ଶ୍ରୀଚୈତନ୍ୟ ନଦିଆ ମଣ୍ଡଳୀ ଗ୍ରାମର ଶତାଧିକ ମହିଳା ପୁରୁଷ ହରିବୋଲ ହୁଳହୁଳି ଜୟ ଜଗନ୍ନାଥ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ ଜାଣଇ ଗ୍ରାମ ପରିକ୍ରମା କରି ଖଇରିନାଲି ଭାଗୀରଥିପୁର୍ ଟେଣ୍ଟଇବେରଣୀ ଜୁଲିବନ୍ଧ



ଦଣ୍ଡସିଂହା ଗ୍ରାମରୁ ପ୍ରାଥମିକ ଭାବେ ଅକ୍ଷତ ଗୁଆ ନୈବେଦ୍ୟ ସଂଗ୍ରହ କରାଯାଇଛି। ପ୍ରତ୍ୟେକ ପଞ୍ଚାୟତର ସରପଞ୍ଚ, କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ, ଏମ୍‌ବିକେ, ଅଙ୍ଗନାଡ଼ି କର୍ମୀ. ଆଶାଦିଦିଙ୍କ ତତ୍ତ୍ୱାବଧାନରେ ପ୍ରତ୍ୟେକ ଗ୍ରାମରୁ ଅକ୍ଷତ ଓ ଗୁଆ ସଂଗ୍ରହ କରି ପୁରୀ ପଠାଯିବା ପାଇଁ ପ୍ରସ୍ତୁତ ହୋଇଛି ବୋଲି ବ୍ଲକ ଅଧିକାରୀ ସୂଚନା ଦେଇଛନ୍ତି।

## ଡରାଇଲାଣି ବାୟୁ ପ୍ରଦୂଷଣ
# ଦିଲ୍ଲୀକୁ ପୁଣି ପଛରେ ପକାଇଲା ଅନୁଗୋଳ

**ଭୁବନେଶ୍ୱର, ୮।୧(ସମିସ):** ରାଜ୍ୟରେ ଧୀରେଧୀରେ ବାୟୁ ପ୍ରଦୂଷଣ ସାଂଘାତିକ ରୂପ ଧାରଣ କରୁଛି। ପୂର୍ବରୁ ବାୟୁ ପ୍ରଦୂଷଣ ଘଟଣାରେ ଅଧିକାଂଶ ସମୟରେ ଦେଶର ରାଜଧାନୀ ଦିଲ୍ଲୀର ନାମ ସାମ୍ନାକୁ ଆସୁଥିବା ବେଳେ ଗତ ୮-୧୦ ଦିନ ମଧ୍ୟରେ ରାଜ୍ୟର ଏକାଧିକ ସହର ଏ କ୍ଷେତ୍ରରେ ଦିଲ୍ଲୀକୁ ବାରମ୍ବାର ପଛରେ ପକାଇ ଦେଇଛି। ତାଳଚେର, ଅନୁଗୋଳ, ବାଲେଶ୍ୱର ପରେ ପୁନଶ୍ଚ ତାଳଚେର ସହରର ବାୟୁ ପ୍ରଦୂଷଣ ଆଜି ପୁଣି ଦିଲ୍ଲୀକୁ ଟପିଛି। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦର ତଥ୍ୟ ଅନୁଯାୟୀ, ସୋମବାର ଅନୁଗୋଳ ବାୟୁରେ ଏକ୍ୟୁଆଇ(ବାୟୁ ମାନ ସୂଚକାଙ୍କ) ପିଏମ୍-୨.୫ ମାତ୍ରା ୩୫୨ ରହିଛି। ଏହା ଅତି ଖରାପ(ଭେରି ପୋର୍) ଶ୍ରେଣୀରେ ଆସୁଛି। ସୋମବାର ଅପରାହ୍ଣ ୪ଟାରେ ପ୍ରକାଶିତ ଏକ୍ୟୁଆଇ ରିପୋର୍ଟ ଅନୁସାରେ, ଦେଶର ୧୬ଟି ସହରର ସ୍ଥିତି ଅତି ଖରାପ ବା ଭେରି ପୋର୍ ଥିବା ବେଳେ ତା' ମଧ୍ୟରେ କେବଳ ଓଡ଼ିଶାର ୬ଟି ସହର ରହିଛି। ଗତ ୨୪ଘଣ୍ଟାରେ ଦେଶର ବିଭିନ୍ନ ସହରରେ ବାୟୁର ମାନର ହାରାହାରିକୁ ହିସାବକୁ ନେଇ ଏହି ରିପୋର୍ଟ ପ୍ରକାଶ କରାଯାଇଛି। ଏହି ରିପୋର୍ଟ ଅନୁସାରେ, ରାଜ୍ୟରେ ଅନୁଗୋଳରେ ବାୟୁ ପ୍ରଦୂଷଣ ମାତ୍ରା ସର୍ବାଧିକ। ଦିଲ୍ଲୀଠାରୁ ବି ଅନୁଗୋଳର ସ୍ଥିତି ଅଧିକ ଖରାପ। ଅନୁଗୋଳରେ ବାୟୁର ମାନ ବା ଏକ୍ୟୁଆଇ ମାନ ୩୫୨ ରହିଥିବା ବେଳେ ଦିଲ୍ଲୀରେ ୩୪୫ ରହିଛି। ସେହିପରି କଟକରେ ବାୟୁର ମାନ ବା ଏକ୍ୟୁଆଇ ପିଏମ୍-୨.୫ ମାତ୍ରା ୩୪୦ ରହିଥିବା ବେଳେ ବାଲେଶ୍ୱରରେ ୩୩୪, ଭୁବନେଶ୍ୱରରେ ୩୩୪, କେନ୍ଦୁଝରରେ ୩୨୬ ଓ ତାଳଚେରରେ ୩୦୪ ରହିଛି। ସେହିପରି ରାଇରଙ୍ଗପୁରରେ ଏକ୍ୟୁଆଇ ପିଏମ୍-୨.୫ ମାତ୍ରା ୩୦୦ ଓ ବଡବିଲରେ ୨୯୨ ରହିଛି, ଯାହାକି ଖରାପ (ପୋର) ଶ୍ରେଣୀରେ ଥିବା ନେଇ ରିପୋର୍ଟରୁ ଜଣାପଡ଼ିଛି। ରାଜ୍ୟରେ ବଢୁଥିବା ପ୍ରଦୂଷଣକୁ ନେଇ ପରିବେଶବିତ ଗଭୀର ଚିନ୍ତା ପ୍ରକଟ କରିଥିବା ବେଳେ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ସରକାରୀ ସ୍ତରରେ ଦୃଢ଼ ଏବଂ ସମୟୋଚିତ କାର୍ଯ୍ୟପନ୍ଥା ଆପଣାଇବା ଜରୁରୀ ବୋଲି ମତପ୍ରକାଶ ପାଇଛି।

# ଅନୁଗୋଳ ଓ ଆଠମଲ୍ଲିକ ମହୋତ୍ସବ ପାଇଁ ମଶାଲ ଶୋଭାଯାତ୍ରା

ଆଠମଲ୍ଲିକ, ୮।୧(ସମିସ): ଅନୁଗୋଳ ଜିଲ୍ଲା ମହୋତ୍ସବ ଓ ଆଠମଲ୍ଲିକ ମହୋତ୍ସବ ଉଦ୍ଦେଶ୍ୟରେ ସୋମବାର ଉପଜିଲ୍ଲାପାଳ ଜିତେନ୍ଦ୍ର କୁମାର ପାତ୍ରଙ୍କ ନେତୃତ୍ୱରେ ଜିଲ୍ଲା ମହୋତ୍ସବ ମଶାଲ ଓ ଆଠମଲ୍ଲିକ ମହୋତ୍ସବ ମଶାଲ ପ୍ରସିଦ୍ଧ ଶୈବପୀଠ ଦେଉଳଝରୀଠାରେ ପୂଜାର୍ଚ୍ଚନା ପରେ ଏକ ବିରାଟ ପଟୁଆରରେ ବିଜ୍ଞାପିତ ଅଞ୍ଚଳ ପରିଷଦକୁ ଅଣାଯାଇଥିଲା। ଦେଉଳଝରୀ ଠାରେ ମଶାଲ ଦ୍ୱୟକୁ ଉପଜିଲ୍ଲାପାଳ ପୂଜାର୍ଚ୍ଚନା ପରେ ଉଦ୍‌ଘାଟିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ଦୁଃଶାସନ ରାଉଳ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌଭାଗ୍ୟ କୁମାର ବେହେରା, ତହସିଲଦାର ଶ୍ୟାମ ସୁନ୍ଦର ସାହୁ, ସହକାରୀ ଜିଲ୍ଲାପାଳ ସୁଜିତ କୁମାର ଭୋଇ, ସହକାରୀ ଜିଲ୍ଲାପାଳ ତାପସ ରଞ୍ଜନ ପାତ୍ର, ଡେପୁଟି କଲେକ୍ଟର ଲକ୍ଷ୍ମୀଧର ରାଉତ, ସ୍ଥାନୀୟ ପୁରୁଣା ମାଣତ୍ରୀ ସରପଞ୍ଚ ମମତା ପାତ୍ର, ଉପଖଣ୍ଡ ଆରକ୍ଷୀ ଅଧିକାରୀ ବାଳକୃଷ୍ଣ କହଁର, ଆଠମଲ୍ଲିକ ଥାନା ଭାରପ୍ରାପ୍ତ ଅଧିକାରୀ ଚିତ୍ତରଞ୍ଜନ ବେହେରା, ଏନ୍‌ସିସି ଲେଫ୍ଟନାଣ୍ଟ ସୁବାଶିଷ ଦାସ, ମହିଳା ଶିଶୁବିକାଶ ଅଧିକାରୀ ତରଙ୍ଗିଣୀ ମିର୍ଦ୍ଧା, ଓକିଲସଙ୍ଘ ସଭାପତି ସୁଶାନ୍ତ କୁମାର



ମହାପାତ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଚିତ୍ତରଞ୍ଜନ କର୍ଣ୍ଣ ଓ ବିନୟ କୁମାର ପଟ୍ଟନାୟକ ପୂଜାର୍ଚ୍ଚନା ସମୟରେ ଉପସ୍ଥିତ ଥିଲେ। ମଶାଲ ଦ୍ୱୟକୁ ସମର ଶିକ୍ଷାର୍ଥୀ ବାହିନୀ ମାରାଥନ ଦୌଡ଼ ରେ ଆଠମଲ୍ଲିକ ଏନଏସି ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଆଣିଥିଲେ। ସେଠାରେ ଆଠମଲ୍ଲିକ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ଆଶାକୁମାରୀ ସାହୁ, ଉପାଧ୍ୟକ୍ଷ ଗଦାଧର ସ୍ୱାଇଁ, ନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି ଓ ସ୍ୱୟଂ ସହାୟକ ଗୋଷ୍ଠୀ ସ୍ୱାଗତ କରି ନଗର ପରିକ୍ରମା କରାଇଥିଲେ। ପରେ ମାହେଶ୍ୱରୀ ମନ୍ଦିରରେ ମଶାଲ ଦ୍ୱୟକୁ ପୂଜାର୍ଚ୍ଚନା କରାଯାଇଥିଲା।

# ଜିଲ୍ଲା ମହୋତ୍ସବ ପାଇଁ ମଶାଲ ଶୋଭାଯାତ୍ରା

## ଦେଉଳଝରି, ସାତକୋଶିଆ, ଖୁଲୁଡି, ବାୟଣୀ ଓ ହିଙ୍ଗୁଳା ପୀଠରୁ ଶୈଳଶ୍ରୀକ୍ଷେତ୍ରରେ ପହଞ୍ଚିଲା ମଶାଲ

ଅନୁଗୋଳ, ୮।୧(ସମିସ)



ଚଳିତ ମାସ ୧୨ ତାରିଖରୁ ୧୪ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଜିଲ୍ଲା ମହୋତ୍ସବ ଆୟୋଜନ ହେବାକୁ ଥିବାବେଳେ ଆଜି ଜିଲ୍ଲା ସଂସ୍କୃତି ବିଭାଗ ଓ ଜିଲ୍ଲା ସଂସ୍କୃତି ପରିଷଦର ପୌରୋହିତ୍ୟରେ ମହୋତ୍ସବ ପାଇଁ ମଶାଲ ଶୋଭାଯାତ୍ରା ବାହାରିଥିଲା। ଜିଲ୍ଲାର ବିଭିନ୍ନ ପ୍ରାନ୍ତରେ ଥିବା ପ୍ରସିଦ୍ଧ ଦେବା ଦେବୀପୀଠ ଯଥା, ଅନୁଗୋଳ ବ୍ଲକର ଟିକରପଡ଼ା, ଛେଣ୍ଡିପଦା ପାତ୍ରପାଡାର ମା' ବାୟାଣୀପୀଠ, ଆଠମଲ୍ଲିକର ଦେଉଳଝରି, ପାଲଲହଡାର ଖୁଲୁଡି ପୀଠରୁ ମଶାଲ ଗୁଡିକ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଜିଲ୍ଲାର ସମସ୍ତ ପ୍ରମୁଖ ଅଞ୍ଚଳ ତଥା ଗାଁ ଗଣ୍ଡା ପରିକ୍ରମା କରିଥିଲା। ଟିକରପଡ଼ାସ୍ଥିତ ଶିବ ମନ୍ଦିରଠାରୁ ଅନୁଗୋଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅରବିନ୍ଦ ବେହେରା, ପାଲଲହଡା ଖୁଲୁଡି ପୀଠରୁ ପାଲଲହଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲ୍ଲିପ କୁମାର ବାଡା, ଆଠମଲ୍ଲିକର ଦେଉଳଝରି ପୀଠରୁ ଆଠମଲ୍ଲିକ ଉପଜିଲ୍ଲାପାଳ ଜିତେନ୍ଦ୍ର କୁମାର ପାତ୍ର ଓ ଜିଲ୍ଲାପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ଛେଣ୍ଡିପଦା ପାତ୍ରପାଡାର ମା ବାୟାଣୀପୀଠରୁ ଜିଲ୍ଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପଦ୍ମନାଭ ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ ମଶାଲ ବାହାରି ତାଳଚେରସ୍ଥିତ ମା ହିଙ୍ଗୁଳାଙ୍କ ପୀଠରେ ଏକଠି ହୋଇଥିଲେ। ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ଢେଙ୍କାନାଳ ସାଂସଦ ମହେଶ ସାହୁ, ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂହ ଓ ତାଳଚେର ଉପଜିଲ୍ଲାପାଳଙ୍କ ସମେତ ବରିଷ୍ଠ ଅଧିକାରୀ, ଜନପ୍ରତିନିଧି ପ୍ରମୁଖ ମା' ହିଙ୍ଗୁଳାଙ୍କ ପୀଠଠାରେ ମଶାଲଗୁଡିକୁ ସ୍ୱାଗତ କରିଥିଲେ। ସମସ୍ତ ନିର୍ଦ୍ଧାରିତ ପୀଠ ସ୍ଥଳଗୁଡିକରୁ ମଶାଲ ବାହାରିବା ବେଳେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପଞ୍ଚାୟତରାଜ ଓ ପାନୀୟଜଳ ଅଧିନସ୍ଥ ବସୁଧା, ବନଖଣ୍ଡ(ବନ୍ୟପ୍ରାଣୀ) ବିଭାଗର ପ୍ରଜ୍ଞାପନ ମେଢ ଗୁଡିକ ଏହାସହ ଯାତ୍ରା କରିଥିଲା। ସରକାରଙ୍କ ଦ୍ୱାରା ଜନସାଧାରଣଙ୍କ ନିମନ୍ତେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ଜନହିତକାରୀ ଯୋଜନାଗୁଡିକ ପ୍ରଜ୍ଞାପନ ମେଢ ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା। ବିଭିନ୍ନ ସ୍ଥାନରୁ ବାହାରିଥିବା ଏହି ମଶାଲ ଶୋଭାଯାତ୍ରାକୁ ଗାଁ ଗଣ୍ଡାରେ ବେଶ ଉତ୍ସାହ ସହ ସ୍ୱାଗତ କରିଥିଲେ। ସନ୍ଧ୍ୟା ସମୟରେ ଜିଲ୍ଲାର ସମସ୍ତ ସ୍ଥାନରୁ ବାହାରିଥିବା ମଶାଲଗୁଡିକୁ ମା ହିଙ୍ଗୁଳା ପୀଠ ଦେଇ ଶୈଳଶ୍ରୀକ୍ଷେତ୍ର ଠାରେ ପହଞ୍ଚିଥିଲା। ସେଠାରେ ମଶାଲକୁ ସ୍ୱାଗତ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ହେମନ୍ତ କୁମାର ସିଂହ, ଜିଲ୍ଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପଦ୍ମନାଭ ସାମନ୍ତରାୟ, ମନ୍ଦିର ପରିଚାଳନା କମିଟି ସଭାପତି ଭବାନୀ ଶଙ୍କର ମିଶ୍ରଙ୍କ ସମେତ ବୁଦ୍ଧିଜୀବୀ, ଶ୍ରଦ୍ଧାଳୁ ପ୍ରମୁଖ ଉପସ୍ଥିତ ଥିଲେ।

# ବିଭିନ୍ନ ସ୍ଥାନରେ ମଶାଲକୁ ବିପୁଳ ସ୍ୱାଗତ







**କଣିହାଁ, ୮।୧(ସମିସ):** କଣିହାଁ ବ୍ଲକ ପ୍ରଶାସନ ପକ୍ଷରୁ ସୋମବାର ୧୧ତମ ଜିଲ୍ଲା ମହୋତ୍ସବ ଅବସରରେ ଅର୍କିଳ ପଞ୍ଚାୟତସ୍ଥିତ ଭାଲୁକି ଛକଠାରୁ ମଶାଲକୁ ସ୍ୱାଗତ କରାଯାଇ କଣିହାଁ ବ୍ଲକ ଅଭିମୁଖେ ଅଣାଯାଇଥିଲା। ଅତିରିକ୍ତ କଣିହାଁ ତହସିଲଦାର୍ ଅରୁପ୍ ପରମ ଗୁରୁଙ୍କୁ ପାଲଲହଡା ବ୍ଲକ ପ୍ରଶାସନ ପକ୍ଷରୁ ହସ୍ତାନ୍ତର କରିଥିଲେ। ଶୁପୁର ଲୁଧୁଣୀ ଠାକୁରାଣୀଙ୍କ ପିଠରେ ପୂଜାର୍ଚ୍ଚନା କରାଯାଇଥିଲା। ପବିତ୍ରନଗର ବଜାର ଛକ, ଗହମ, କୁଲେଇ, ସମଲ ହାଇସ୍କୁଲ୍ ଛକ ଆଦି ସ୍ଥାନରେ ମଶାଲ ଶୋଭାଯାତ୍ରାକୁ ବନ୍ଦାପନା କରାଯାଇ ସ୍ୱାଗତ କରାଯାଇଥିଲା। ଏହାପରେ ଆଜି ୧ଟା ସମୟରେ ଏନ୍‌ଟିପିସି ବାଇପାସ୍ ଛକ, ଲୋଧାବନ୍ଧ, ପଥରମୁଣ୍ଡା, କଣିହାଁ ବରଛକ ଠାରେ ପହଁଚିଥିଲା। ସେଠାରେ ଶତାଧିକ ସ୍ଥାନୀୟ ଅଧିବାସୀଙ୍କ ଦ୍ୱାରା ସମ୍ବର୍ଦ୍ଧନା କରାଯାଇଥିଲା। ଏଥି ସହିତ ବନ୍ୟ ସଂରକ୍ଷଣ, ସ୍ୱଜଳଧାରା ଏବଂ ଶିଶୁଶିକ୍ଷା ସଚେତନତା ରଥ ପରିକ୍ରମା କରୁଥିବା ଦେଖିବାକୁ ମିଳିଥିଲା। ଶେଷରେ ଜରଡା, ଛେଳିଆ, ବଡତ୍ରିବିଡା, ସାନତ୍ରିବିଡା, ବଡହାର, କୁମୁଣ୍ଡା ଦେଇ ମା' ହିଙ୍ଗୁଳାଙ୍କ ପିଠରେ ମଶାଲ ପହଁଚିଥିଲା। କଣିହାଁ ଅତିରିକ୍ତ ବିଡିଓ ହିମାଂଶୁ ଶେଖର ନାୟକ ସମେତ ଅନ୍ୟ କର୍ମଚାରୀ ସାମିଲ୍ ଥିଲେ।

**ଜଗନ୍ନାଥପୁର:** ମଶାଲ ଶୋଭାଯାତ୍ରାକୁ ଜଗନ୍ନାଥପୁରଠାରେ ଝୋଟି, ନାମ ସଂକୀର୍ତ୍ତନ ମାଧ୍ୟମରେ ସହସ୍ରାଧିକ ଲୋକଙ୍କ ଗହଣରେ ପାଛୋଟି ଅଣାଯାଇଥିଲା। ମଶାଲ ପଛେ ପଛେ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିବା ଜନ କଲ୍ୟାଣକାରୀ ଯୋଜନା ଗୁଡିକର ପ୍ରଜ୍ଞାପନ ମେଢ ଅତି ସୁନ୍ଦର ଦୃଶ୍ୟମାନ ହୋଇଥିଲା। ଏହି କାର୍ଯ୍ୟକ୍ରମଟି ବିଡ଼ିଓ ଅରବିନ୍ଦ ବେହେରାଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ଜଗନ୍ନାଥପୁର ଠାରେ ସରପଞ୍ଚ ବନିତା ମହାଲିକ ଏବଂ ବିଭିନ୍ନ ମିଶନ ଶକ୍ତି ମହିଳା ଏବଂ ଅଙ୍ଗନବାଡି କର୍ମୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

**ନାଲକୋନଗର:** ୧୧ତମ ଅନୁଗୋଳ ଜିଲ୍ଲା ମହୋତ୍ସବ, ଚଳିତ ମାସ ୧୨ ତାରିଖରୁ ଆରମ୍ଭ ହେବାକୁ ଯାଉଛି।ଉତ୍ସବ ପୂର୍ବରୁ ମଶାଲ ଶୋଭାଯାତ୍ରାକୁ ତୁରଙ୍ଗ ଠାରେ ଭବ୍ୟ ଅଭ୍ୟର୍ଥନା ଦିଆଯାଇଥିଲା। ତୁରଙ୍ଗ ସରପଞ୍ଚ ସମରେନ୍ଦ୍ର ଦେହୁରୀ, ପିଇଓ ଗୀତରାଣୀ ଗଡ଼ନାୟକ, ଅଙ୍ଗନବାଡି ସୁପରଭାଇଜର ଅନିତା ଦାସ, ପ୍ରତିମା ମିଶ୍ରଙ୍କ ସମେତ ଆଶକର୍ମୀ, ଜିପିଏଲ, ମିଶନଶକ୍ତି ମହିଳାମାନେ ମଶାଲକୁ ବନ୍ଦାପନା କରିଥିଲେ।

**ଛେଣ୍ଡିପଦା:** ଅନୁଗୋଳ ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ଅନୁଗୋଳ ଜିଲା ମହୋତ୍ସବ ନିମନ୍ତେ ଛେଣ୍ଡିପଦା ବ୍ଲକ ଅଞ୍ଚଳ ଦେଇ ଯାଉଥିବା ୨ଟି ମଶାଲ ଶୋଭାଯାତ୍ରାକୁ ମଙ୍ଗଳବାର ବ୍ଲକର ବିଭିନ୍ନ ସ୍ଥାନରେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଇଥିଲା।

ଜିଲ୍ଲା ପ୍ରଶାସନଙ୍କ ନିଷ୍ପତି ଅନୁଯାୟୀ ଅନୁଗୋଳ ଏପିଡି ପଦ୍ମନାଭ ସାମନ୍ତରାୟ ଓ ବିଡ଼ିଓ ତ୍ରିବିକ୍ରମ କୁମୁରାଙ୍କ ତତ୍ତ୍ୱାବଧାନରେ ସକାଳ ୭ଟାରେ ଛେଣ୍ଡିପଦା ବ୍ଲକର ପାତ୍ରପଡ଼ା ସ୍ଥିତ ମା' ବାୟାଣୀ ପୀଠଠାରେ ମା'ଙ୍କ ପୂଚାର୍ଚ୍ଚନା କରାଯିବା ପରେ ଏକ ବିରାଟ ପାଟପଟୁଆରରେ ମଶାଲ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ଛେଣ୍ଡିପଦା ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ ଏଥିରେ ସାମିଲ ହୋଇଥିଲେ। ଏଥିରେ



ସ୍ଥାନୀୟ ଅଞ୍ଚଳର କଳାକାରମାନେ ଯୋଗ ଦେଇ ଶୋଭାଯାତ୍ରାରେ ସେମାନଙ୍କର ବିଭିନ୍ନ କଳାକୃତୀ ପ୍ରଦର୍ଶନ କରିଥିଲେ। ମଶାଲ ଶୋଭାଯାତ୍ରା ଯାଉଥିବା ରାସ୍ତାରେ ପ୍ରତ୍ୟେକ ଗ୍ରାମରେ ମହିଳା ମାନଙ୍କ ପକ୍ଷରୁ ରାସ୍ତା ପାର୍ଶ୍ୱରେ ଝୋଟି ମୁରୁଜ ଦେଇ ପୂର୍ଣ୍ଣ କଳସ ସ୍ଥାପନ କରି ଦୀପ ଜଳାଇ ହୁଳହୁଳି ଦେଇ ମଶାଲକୁ ସ୍ୱାଗତ ଜଣାଇଥିଲେ। ଅନ୍ୟଏକ ମଶାଲ ଆଠମଲ୍ଲିକର ପ୍ରସିଦ୍ଧ ଶୈବ ପୀଠ ଦେଉଳଝରିରୁ ଆସୁଥିବା ବେଳେ ମଶାଲ ଶୋଭାଯାତ୍ରାକୁ ଅପରାହ୍ନରେ ଛେଣ୍ଡିପଦା ବ୍ଲକର କତଡାଠାରେ ପହଁଚିବାପରେ ଛେଣ୍ଡିପଦା ତହସିଲଦାର ମାନସ ରାୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଇଥିଲା। ବିଭିନ୍ନ ଗ୍ରାମ ପରିକ୍ରମା କରାଯାଇ ଗୋପାଳପ୍ରସାଦର ହିଙ୍ଗୁଳା ମନ୍ଦିରକୁ ଶୋଭାଯାତ୍ରାରେ ନିଆଯାଇଥିଲା।

# ହାଇୱା ଧକ୍କାରେ ଜଣେ ମୃତ

**ଛେଣ୍ଡିପଦା, ୮।୧(ସମିସ):** ଅନୁଗୋଳ-ଛେଣ୍ଡିପଦା ୬୩ନଂ ରାଜ୍ୟରାଜପଥର କଙ୍କରେଇ ଉଚ୍ଚ ବିଦ୍ୟାଳୟ ନିକଟସ୍ଥ ପୋଲଠାରେ ସମୟରେ ଏକ ହାଇୱା ଧକ୍କାରେ ଜଣେ ଯୁବକଙ୍କର ମୃତ୍ୟୁ ହୋଇଛି। ମୃତ ଯୁବକ ନାଣ୍ଡିଛୋଡ ଗୋପୀବଲ୍ଲଭପୁର ଗ୍ରାମର ଧୋବେଇ ଗଡ଼ନାୟକଙ୍କ ପୁଅ ତପୁ ଗଡ଼ନାୟକ। ତପୁ ଅନୁଗୋଳରୁ ଘରକୁ ଫେରୁଥିବା ବେଳେ କଙ୍କରେଇ ଉଚ୍ଚ ବିଦ୍ୟାଳୟ ନିକଟସ୍ଥ ପୋଲଠାରେ ବିପରୀତ ଦିଗ ରାଇଝରଣ ପଟୁ ଅନୁଗୋଳ ଯାଉଥିବା ଏକ କୋଇଲା ବୋଝେଇ ହାଇୱା ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତପୁଙ୍କର ମୃତ୍ୟୁ ହୋଇଥିଲା। ଏନଇ ଉତ୍ତେଜନା ଦେଖାଦେବା ସହିତ ସ୍ଥାନୀୟ ଲୋକ ଓ ମୃତକଙ୍କ ସମ୍ପର୍କୀୟ ମାନେ କ୍ଷତିପୂରଣ ଦାବିରେ ରାଜ୍ୟ ରାଜପଥ ଅବରୋଧ କରିଥିଲେ। ଖବର ପାଇ ନିଶା ଶିଙ୍ଘାଞ୍ଚଳ ଥାନା ପୁଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲା।

# ଜାତୀୟ ରାଜପଥ ସମସ୍ୟାର ସମାଧାନ ଓ ମେଡିକାଲ କଲେଜ ପ୍ରତିଷ୍ଠା ଦାବି

ଅନୁଗୋଳ, ୮।୧(ସମିସ)



ଜାତୀୟ ରାଜପଥର ଯନ୍ତ୍ରଣା ଅସହ୍ୟ ହେବାକୁ ଲାଗିଲାଣି। ଯାହା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ। ଅନୁଗୋଳ ଜିଲ୍ଲାବାସୀ ତଥା ଉକ୍ତ ରାସ୍ତା ଦେଇ ଯାତାୟାତ କରୁଥିବା ଯାତ୍ରୀମାନଙ୍କ ପାଇଁ ଏକ ପ୍ରକାର ଏହା ମରଣଯନ୍ତା ପାଲଟିଛି। ପ୍ରତିଦିନ ଦୁର୍ଘଟଣାରେ ଧନଜୀବନ ହାନୀ ଘଟୁଛି। ଉତ୍ତମ ଚିକିତ୍ସା ପାଇବା ନିମନ୍ତେ ଅତ୍ୟାଧୁନିକ ଚିକିତ୍ସା ବ୍ୟବସ୍ଥା ନାହିଁ। ଫଳରେ ରୋଗୀଟିଏ ଉତ୍ତମ ସ୍ୱାସ୍ଥ୍ୟ ସେବା ପାଇବାରୁ ବଞ୍ଚିତ ହେଉଛି। ଅତ୍ୟାଧୁନିକ ଚିକିତ୍ସା ଯୋଗାଇଦେବା ସହିତ ଡାକ୍ତରୀ ଶିକ୍ଷାଲାଭ ପାଇଁ ଅନୁଗୁଳ ଜିଲ୍ଲାରେ ଏକ ମେଡିକାଲ କଲେଜ ସ୍ଥାପନ ନିମନ୍ତେ ଘୋଷଣା କରିଥିଲେ। ତଦନୁଯାୟୀ ଆମ ଜିଲ୍ଲାର ତାଳଚେର ଠାରେ ନିର୍ମିତ ହୋଇସାରିଥିବା ମେଡିକାଲ କଲେଜକୁ ସରକାରୀ ଡାକ୍ତରଖାନାର ପରିବର୍ତ୍ତନ କରାଇଥିବା ନିଷ୍ପତ୍ତିକୁ ଜାଣିବାକୁ ପାଇଲୁ। ଯାହା ଆମ ଜିଲ୍ଲାବାସୀଙ୍କ ମନକୁ ଆଘାତ ଦେଇଥିବା ବେଳେ ଆମେ ଉତ୍ତମ ଚିକିତ୍ସା ଭଳି ମୌଳିକ ସେବାର ଅଧିକାରରୁ ବଞ୍ଚିତ ହେଲୁ।

ଜାତୀୟ ରାଜପଥ ସମସ୍ୟାର ଅବିଳମ୍ବେ ସମାଧାନ ଓ ମେଡିକାଲ କଲେଜ ପ୍ରତିଷ୍ଠା ଘୋଷଣା ଆଗାମୀ ସାତ ଦିନ ମଧ୍ୟରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାନଗଲେ ଆଗାମୀ ଦିନରେ ଜିଲ୍ଲା ବ୍ୟାପୀ ଆନ୍ଦୋଳନ ଓ ଅନିର୍ଦ୍ଦିଷ୍ଟ କାଳ ପାଇଁ ଗଣଧାରଣା ଦିଆଯିବ ବୋଲି ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲ୍ଲାପାଳଙ୍କୁ ସାକ୍ଷାତକରି ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ପ୍ରତିନିଧି ଦଳରେ ସ୍ୱେଚ୍ଛାସେବୀ ପର୍ଶୁରାମ ଦାଶ, ଅନୁପ କୁମାର ପଟ୍ଟନାୟକ, ଶିବାଶିଷ କର, ରୁକେଶ ରୋଶନ ଦାଶ, ପ୍ରତାପ ମହାପାତ୍ର, ଛବିନ୍ଦ୍ର ନାୟକ, ଆଦ୍ୟଶ୍ଳୋକ ମିଶ୍ର, ଚନ୍ଦ୍ରକାନ୍ତ ବେହେରା, ଶୁଭମ କୁମାର ନାଥ ପ୍ରମୁଖ ଉପସ୍ଥିତ ଥିଲେ।




ADMISSION IS GOING ON
GAYATRI SCHOOL & COLLEGE OF NURSING
Under Gayatri Charitable Trust, Baripada
For the Course : ANM, GNM & B.Sc. Nursing
B.Sc. Nursing
Eligibility: +2 Science with Biology (PCB)
ANM & GNM
(Eligibility: +2 in any stream with minimum 40% marks for ST & SC Students & Minimum 45% marks for General category
Facilities: 1) Stipend for ST & SC students, 2) Separate Hostel for Boys & Girls, 3) A.C. Class Room & AC Lab, 4) Highly Qualified & Experience Faculties, 5) 100% Job security for our Pass out Students, 6) Scholarship for the students secured more than 80% Marks.
Contact
Sd/- Secretary
9438477846/9438160121/9337006245

## ବିଭିନ୍ନ ସ୍ଥାନରେ ବୁଲୁଛି ଜୟ ଜଗନ୍ନାଥ ଅର୍ପଣ ରଥ

# ଶ୍ରଦ୍ଧାରେ ସମର୍ପି ଦେଉଛନ୍ତି ଅକ୍ଷତ, ଗୁଆ


ଢେଙ୍କାନାଳ


ଢେଙ୍କାନାଳ


କାମାକ୍ଷାନଗର


ଭୁବନ

ଢେଙ୍କାନାଳ, ୮।୧ (ସମିସ)

ଢେଙ୍କାନାଳ ପୌରାଞ୍ଚଳରେ ପୁରୀରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟନ ପାଇଁ ଜୟ ଜଗନ୍ନାଥ ଅର୍ପଣ ରଥର ଶୁଭାରମ୍ଭ କରାଯାଇ ବିଭିନ୍ନ ୱାର୍ଡରେ ପରିକ୍ରମା କରୁଛି। ଶ୍ରଦ୍ଧାର ସହିତ ମହିଳାମାନେ ଅକ୍ଷତ ଚାଉଳ ଓ ଗୁଆ ଦେଇ ବନ୍ଦାପନା ଏହି ରଥକୁ ବନ୍ଦାପନା କରୁଥିବା ଦେଖିବାକୁ ମିଳିଛି। ଏହି ଅବସରରେ ପୌରପରିଷଦ କାର୍ଯ୍ୟାଳୟ ପରିସରରେ ସାଂସଦ ମହେଶ ସାହୁ ରଥକୁ ଉଦ୍‌ଘାଟନ କରିଥିଲେ। ଏହି ଦୁଇଟି ରଥ ୨୩ଟି ୱାର୍ଡର ଘର ବୁଲି ଗୁଆ ଅରୁଆଚାଉଳ ସଂଗ୍ରହ କରିଛି। ଏହି ଦୁଇଟି ରଥ ବିଭିନ୍ନ ୱାର୍ଡ ପରିକ୍ରମା କରିଥିବାବେଳେ ବିଭିନ୍ନ ସ୍ଥାନରେ ମହିଳାମାନେ ବ୍ୟାପକ ସ୍ୱାଗତ ସମ୍ବର୍ଦ୍ଧନା କରିଛନ୍ତି। ଆସନ୍ତା ୧୭ ତାରିଖ ଦିନ ଢେଙ୍କାନାଳ ମିନି ଷ୍ଟାଡିୟମ ଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ପୌର ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ, ଉପନଗରପାଳ ପ୍ରକାଶ ଚନ୍ଦ୍ର କୁଅଁର, କାଉନ୍‌ସିଲର ଶୁଭେନ୍ଦୁ ଷଡଙ୍ଗୀ, ଅଭିମନ୍ୟୁ ପଣ୍ଡା, ନିରୋଦ କୁମାର ସାହୁ, ଶୁଭଲକ୍ଷ୍ମୀ ସାହୁ, ପୌର କାର୍ଯ୍ୟାଳୟର ବରିଷ୍ଠ ସହାୟକ ସରୋଜ କୁମାର ରାଉତଙ୍କ ସମେତ ବିଭିନ୍ନ ୱାର୍ଡର କାଉନ୍‌ସିଲରଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

**କାମାକ୍ଷାନଗର:** ଜୟ ଜଗନ୍ନାଥ ଅର୍ପଣ ରଥ ଆଜି କାମାକ୍ଷାନଗର ସହର ଓ ଦୁଇ ନମ୍ବର ୱାର୍ଡ ପରିକ୍ରମା କରିଛି। ଶହଶହ ଭକ୍ତଙ୍କ ହରିବୋଲ, ହୁଳହୁଳି ସାଙ୍ଗକୁ ସଂକୀର୍ତ୍ତନ ମଣ୍ଡଳୀଙ୍କ କୀର୍ତ୍ତନରେ ସାରା ସହର ପାଲଟିଛି ଜଗନ୍ନାଥମୟ। ସ୍ଥାନୀୟ ଜଗନ୍ନାଥମନ୍ଦିର ଠାରୁ ଜଗନ୍ନାଥ ଅର୍ପଣ ରଥ ବାହାରି ହନୁମାନବଜାର, ଗୋପବନ୍ଧୁ ବଜାର, ଲକ୍ଷ୍ମୀ ବଜାର ଓ ମେନରୋଡ଼ ଦେଇ ଦୁଇ ନମ୍ବର ୱାର୍ଡ ପରିକ୍ରମା କରିଛି। ଶତାଧିକ ଶ୍ରଦ୍ଧାଳୁଙ୍କ ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ସାରା ସହର। ମାନ୍ୟବର ମୁଖ୍ୟମନ୍ତ୍ରୀ ଙ୍କ ଯୁଗାନ୍ତକାରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ସଫଳତା କାମନା କରିବା ସହ ଜଗନ୍ନାଥ ପ୍ରେମୀ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ଅବସରରେ କାମାକ୍ଷାନଗର ବିଧାୟକ ତଥା ରାଜ୍ୟ ଖଣି, ଇସ୍କାତ ଓ ପୂର୍ତ୍ତ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ଏନ୍‌ଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡ଼ା ଓ ଶତାଧିକ ଜଗନ୍ନାଥ ପ୍ରେମୀ ଉପସ୍ଥିତ ଥିଲେ।

**ଢେଙ୍କାନାଳ:** ସଦର ବ୍ଲକ ଅନ୍ତର୍ଗତ ନୂଆଗାଁ ଗ୍ରାମପଞ୍ଚାୟତରେ ଜୟ ଜଗନ୍ନାଥ ଅର୍ପଣ ରଥ ନୂଆଗାଁ ଗ୍ରାମଠାରୁ ବାହାରି ମଣ୍ଡାପାଳ ଶିବ ମନ୍ଦିରଠାରେ ପ୍ରସାଦ ସେବନ ଗ୍ରାମ ପରିକ୍ରମା ପ୍ରତ୍ୟେକ ଘର ସମ୍ମୁଖରେ ଝୋଟି ପକାଇ ବନ୍ଦାପନା ସହିତ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରାଯାଇଛି। ସରପଞ୍ଚ ଦାୟିତ୍ୱରେ ଥିବା ସୁମିତ୍ରା ଭୂୟାଁ ସଂକୀର୍ତ୍ତନ ମଣ୍ଡଳୀଙ୍କ ସହିତ ସମାଜସେବୀ ସନ୍ତୋଷ କୁମାର ଭୂୟାଁ, ସମିତି ସଭ୍ୟ ପ୍ରସନ୍ନ ବେହେରା, ପ୍ରକାଶ ସାହୁ, ପ୍ରଦୀପ କୁମାର ବେହେରା, ମଣ୍ଡାପାଳ ଗ୍ରାମ ସଭାପତି ଧରଣୀ ବ୍ରହ୍ମଙ୍କ ସମେତ ବହୁ ଜଗନ୍ନାଥ ପ୍ରେମୀ ଉପସ୍ଥିତ ଥିଲେ।

**ଭୁବନ:** ଜୟଜଗନ୍ନାଥ ଅର୍ପଣ ରଥ ଭୁବନରେ ପହଞ୍ଚିଲା ପରେ ଶ୍ରୀରାମ ମନ୍ଦିର ସମ୍ମୁଖରେ ପୂଜାର୍ଚ୍ଚନା ଓ ବନ୍ଦାପନା ପରେ ନଗରପାଳ ଶୁଭେନ୍ଦୁ କୁମାର ସାହୁ, ନିର୍ବାହୀ ଅଧିକାରୀ ଅପୂର୍ବ ରଞ୍ଜନ ଆଇଚ ପତକା ଦେଖାଇ ଏହାକୁ ଉଦଘାଟନ କରିଥିଲେ। ଅର୍ପଣ ରଥ ୧ ନମ୍ବର ୱାର୍ଡରୁ ବାହାରି ୬ ନମ୍ବର ଓ ୭ ନମ୍ବର ୱାର୍ଡ ପରିକ୍ରମା କରି ଅକ୍ଷତ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରିଥିଲା। ଅର୍ପଣ ରଥ ଯିବା ରାସ୍ତାରେ ମହିଳାମାନେ ଝୋଟି ଚିତା ପକାଇ ପୂର୍ଣ୍ଣ କଳସୀ ବସାଇ ହୁଳହୁଳି ପକାଇ ରଥକୁ ସ୍ୱାଗତ କରି ଭକ୍ତିର ସହ ଅରୁଆ ଚାଉଳ ଓ ଗୁଆ ଅର୍ପଣ କରିଥିଲେ। ଭୁବନ ଜଗନ୍ନାଥ ମନ୍ଦିର ମୁଖ୍ୟ ପୂଜକ ତୁଷାର କାନ୍ତି ମିଶ୍ର ଲୋକଙ୍କ ଠାରୁ ଅରୁଆ ଚାଉଳ, ଗୁଆ ସଂଗ୍ରହ କରିଥିଲେ। ଜୟ ଜଗନ୍ନାଥ ଧ୍ୱନିରେ ସାରା ସହର ପ୍ରକମ୍ପିତ ହୋଇଥିଲା। କାର୍ଯ୍ୟକ୍ରମରେ ଉପ ନଗରପାଳ ମାନିନୀ ସାହୁ, ୧ ନମ୍ବର ୱାର୍ଡ କାଉନସିଲର ଗିରିଧାରୀ ସାହୁ, ୭ ନମ୍ବର ୱାର୍ଡ କାଉନସିଲର ନରେନ୍ଦ୍ର ବେହେରାଙ୍କ ସମେତ ଅନ୍ୟ କାଉନସିଲର, ନୋଡାଲ ଅଫିସର ଗୁଣନିଧି ପାତ୍ର, ସଂକୀର୍ତ୍ତନ ମଣ୍ଡଳୀ, ସ୍ୱୟଂ ସହାୟକ ଗୋଷ୍ଠୀ, ଏନ୍‌ଏସି କର୍ମଚାରୀମାନେ ସାମିଲ ହୋଇଥିଲେ।

# ଗୋବର ମାରି ମନ୍ଦିର କାନ୍ଥ ବିକୃତ କଲେ ଦୁର୍ବୃତ୍ତ



**କାମାକ୍ଷାନଗର, ୮।୧(ସମିସ):** ଅସାମାଜିକଙ୍କ ଦୌରାତ୍ମ୍ୟ ଶେଷ ସୀମାରେ ପହଞ୍ଚିଛି। ଗୋବର ମାରି ମନ୍ଦିର ଭିତରେ ଓ ବାହାର କାନ୍ଥକୁ ବିକୃତ କରିଦେଲେ କିଛି ସଂକୀର୍ଣ୍ଣମନା ବ୍ୟକ୍ତି। ଏ ଭଳି ଦୁଃଖଦ ତଥା ଅଭାବନୀୟ ଘଟଣା ଦେଖିବାକୁ ମିଳିଛି କାମାକ୍ଷାନଗର ବ୍ଲକ ବାଉଁଶପାଳ ପଞ୍ଚାୟତ ଅନ୍ତର୍ଗତ ଶିବିଲାପଶି ଗ୍ରାମରେ ଥିବା ବହୁ ପୁରାତନ ସ୍ୱପ୍ନେଶ୍ୱର ମନ୍ଦିରରେ। ସୂଚନା ଅନୁସାରେ ଗତକାଲି ବିଳମ୍ବିତ ରାତିରେ କିଛି ଅସାମାଜିକ ଗୋଷ୍ଠୀ ମନ୍ଦିରର ବେଢ଼ା ଭିତରେ ଓ ମନ୍ଦିରର ବାହାର କାନ୍ଥକୁ ଗୋବର ମାରି ବିକୃତ କରିଛନ୍ତି। ଆଜି ସକାଳୁ ମନ୍ଦିର କମିଟିର ସଦସ୍ୟ ଏ ସମ୍ପର୍କରେ ଦେଖିବା ପରେ କ୍ଷୋଭ ପ୍ରକାଶ କରିଛନ୍ତି। ଭଗବାନଙ୍କ ମନ୍ଦିର କୁ ବିକୃତ କରି ସମାଜକୁ ନିନ୍ଦନୀୟ ବାର୍ତ୍ତା ଦେଉଥିବା ଉଦ୍‌ଭ୍ରାନ୍ତଙ୍କ ଉପରେ ପୁଲିସ ଓ ପ୍ରଶାସନ ତୁରନ୍ତ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି ଜଣାଇଛନ୍ତି। ଏଭଳି ଘଟଣା ଶିକ୍ଷିତ ସମାଜରେ ଏକ ଖରାପ ବାର୍ତ୍ତା ପ୍ରଦାନ କରୁଥିବା ବେଳେ ଏହିଭଳି କାର୍ଯ୍ୟକଳାପ କରୁଥିବା ବ୍ୟକ୍ତିମାନଙ୍କୁ ଭଗବାନ ଦଣ୍ଡ ଦେବେ ବୋଲି କହିଛନ୍ତି। କିନ୍ତୁ ଏହି ଘଟଣାକୁ ନେଇ ବିରୋଧୀ ରାଜନୀତି ଆରମ୍ଭ କରିଛନ୍ତି। କିନ୍ତୁ ବିରୋଧୀଙ୍କ ରାଜନୀତିକରଣକୁ ନାପସନ୍ଦ କରିଛନ୍ତି ସାଧାରଣ ଲୋକ। ଯେକେହି ବି ଏଭଳି ଘୃଣ୍ୟ କାର୍ଯ୍ୟ କରିଛି ତାକୁ ଉଚିତ ଶାସ୍ତି କିପରି ମିଳିବ ସେ ନେଇ ଦଳମତ ନିର୍ବିଶେଷରେ ସମସ୍ତେ ଚେଷ୍ଟା କରିବା ଉଚିତ ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି।

# ଜାତୀୟ ପାରାଦୌଡ଼ରେ ଚନ୍ଦନଙ୍କୁ ମିଳିଲା ସ୍ଥାନ

## ■ ସହାୟତା ରାଶି ଦେଲା ଜିଲ୍ଲା ପ୍ରଶାସନ

**ମାର୍ଥାପୁର, ୮।୧(ସମିସ):** ଢେଙ୍କନାଳ ଜିଲ୍ଲା କାମାକ୍ଷନଗର ବ୍ଲକ ସାରୁଆଳି ପଞ୍ଚାୟତ ମୋଟା ଗ୍ରାମର ଚନ୍ଦନ ରାଉତ (୩୦) ରାଜ୍ୟ ସ୍ତରୀୟ ପାରା ଦୌଡ଼ କୁଦ ପ୍ରତିଯୋଗିତାରେ ସଫଳତା



ପାଇବା ପରେ ଏବେ ଜାତୀୟସ୍ତରୀୟ ପାରା ଦୌଡ଼କୁଦ ପ୍ରତିଯୋଗିତାରେ ସ୍ଥାନ ପାଇଛନ୍ତି। ଗତ ୨୪ ଓ ୨୫ ଦୁଇଦିନ ଧରି ଚାଲିଥିବା ରାଜ୍ୟସ୍ତରୀୟ ପାରା ଦୌଡ଼କୁଦ ପ୍ରତିଯୋଗିତାରେ ୫୩ କେଜି ପୁରୁଷ ବର୍ଗରେ ସଟପୁଟ୍ ଥ୍ରୋରେ ୫.୦୨ ମିଟର ଫିଙ୍ଗି ଦିତୀୟ ସ୍ଥାନ ଅଧିକାର କରିଥିଲେ ଓ ଜାନୁଆରୀ ୯ ତାରିଖ ରେ ଗୋଆ ରେ ହେବାକୁ ଥିବା ୨୨ ତମ ଜାତୀୟ ପାରା ଦୌଡ଼ କୁଦ ରେ ଅଂଶଗ୍ରହଣ କରିବା ପାଇଁ ଯାତ୍ରା ଆରମ୍ଭ କରିଛନ୍ତି। ଚନ୍ଦନଙ୍କ ବାପା ଚାଷ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଛନ୍ତି। ଚାଷୀ ପରିବାର ଆର୍ôଥକ ସ୍ଥିତି ସୁଦୃଢ ନଥିବାରୁ ଚନ୍ଦନ ଦୁଇଦିନ ତଳେ ଜିଲ୍ଲା ପ୍ରଶାସନଙ୍କୁ ସହାୟତା ରାଶି ଯୋଗାଇଦେବା ପାଇଁ ନିବେଦନ କରିଥିଲେ। ଆସନ୍ତାକାଲି ଖେଳ ଆରମ୍ଭ ହେବାକୁ ଥିବାବେଳେ ଚନ୍ଦନ ଆଜି ଗୋଆରେ ପହଞ୍ଚି ସାରିଛନ୍ତି। ଜାତୀୟସ୍ତରୀୟ ଖେଳରେ ଭଲ ପ୍ରଦର୍ଶନ କରିବାକୁ ଚନ୍ଦନ ଲକ୍ଷ୍ୟ ରଖିଥିବା ବେଳେ ସରକାରଙ୍କ ତରଫରୁ ୧୦ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରି ଥିବାରୁ ଜିଲ୍ଲା ପ୍ରଶାସନ ଓ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସେ ଓ ପରିବାର ଧନ୍ୟବାଦ ଜଣାଇଛନ୍ତି।

# କାମାକ୍ଷାନଗରରେ ଧାନମଣ୍ଡି ଉଦ୍‌ଘାଟିତ



**କାମାକ୍ଷାନଗର, ୮।୧(ସମିସ):** ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ନିୟନ୍ତ୍ରିତ ବଜାର କମିଟି ତରଫରୁ ଖରିଫ ଧାନ ସଂଗ୍ରହ ପାଇଁ ଧାନ ମଣ୍ଡି ଉଦ୍‌ଟିତ ହୋଇଯାଇଛି। କାମାକ୍ଷାନଗର ଉପଜିଲ୍ଲାପାଳ ନାରାୟଣ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ଅନ୍ୟତମ ଅତିଥି ଭାବେ ବ୍ଲକ ଅଧକ୍ଷ ପ୍ରେମାନନ୍ଦ ସାହୁ, ବିଡିଓ ଅବିନାଶ ପାଣ୍ଡିଆ, ଉପଖଣ୍ଡ ଯୋଗାଣ ଅଧିକାରୀ ତାରିଣୀ ଶଙ୍କର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଚାଷୀମାନେ ଏଠାରେ ଧାନଦେଇ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ମୂଲ୍ୟ ପାଇପାରିବେ। ଚାଷୀମାନଙ୍କ ପାଇଁ ସୁବିଧାରେ ଧାନ ଦେବା ସହ, ପିଇବା ପାଇଁ ପାଣି, ଧାନକୁ ସୁରକ୍ଷାରେ ରଖିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ଆଜି ବ୍ଲକସ୍ତରୀୟ ସ୍ୱୟଂସହାୟକ ଗୋଷ୍ଠୀ ମାଧ୍ୟମରେ ନ୍ୟାଚୁରାଲ ଏଗ୍ରିଟେକ ଧାନ କ୍ରୟ କରିବ। ମୋଟ ୫୦୦କୁଇଣ୍ଟାଲ ଧାନ କ୍ରୟ କରିବାକୁ ଧାର୍ଯ୍ୟ ହୋଇଥିବା ବେଳେ ୧୪ ଜଣ ଚାଷୀ ଏହି ଧାନ ବିକ୍ରି ପାଇଁ ଟୋକନ ପ୍ରଦାନ କରାଯାଇଛି।

# ସର୍ବଭାରତୀୟ କର୍ମଶାଳାରେ ମହିଳା ସରପଞ୍ଚ



**କାମାକ୍ଷାନଗର, ୮।୧(ସମିସ):** ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ଦ୍ୱାରା ମନୋନୀତ ହୋଇ ନୂଆଦିଲ୍ଲୀରେ ଆୟୋଜିତ ସର୍ବଭାରତୀୟ କର୍ମଶାଳାରେ ଯୋଗଦେଲେ ମହିଳା ସରପଞ୍ଚ ସୁଲୋଚନା ଦଳେଇ। କାମାକ୍ଷାନଗର ବ୍ଲକ କୋଟଗରା ସରପଞ୍ଚ ସୁଲୋଚନା ରାଜ୍ୟରୁ ୧୦ଜଣଙ୍କ ମଧ୍ୟରେ ସ୍ଥାନପାଇ ଏହି ସର୍ବଭାରତୀୟ କର୍ମଶାଳା ପାଇଁ ମନୋନୀତ ହୋଇଥିଲେ। କର୍ମଶାଳାରେ ମହିଳା ନେତୃତ୍ୱ, ଦକ୍ଷତା, ଅଭିଜ୍ଞତା, ଓ ନୀତି ଆଦି ଉପରେ ଆଲୋଚନା କରାଯାଇଥିଲା। ମହିଳା ନେତୃତ୍ୱ ଶୀର୍ଷକରେ ଏହି କର୍ମଶାଳା ଆୟୋଜିତ ହୋଇଥିବା ବେଳେ ନୂଆଦିଲ୍ଲୀ ସ୍ଥିତ ନୂତନ ସଂସଦ ଭବନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**ଆସୁଛି ସାଧାରଣ ନିର୍ବାଚନ**

# ଷ୍ଟ୍ରଙ୍ଗ୍‌ରୁମ୍ ପର୍ଯ୍ୟବେକ୍ଷଣ କଲେ ଜିଲ୍ଲାପାଳ



**କାମାକ୍ଷାନଗର, ୮।୧(ସମିସ):** ଆଗାମୀ ସାଧାରଣ ନିର୍ବାଚନ ପାଇଁ କାମାକ୍ଷାନଗର କଲେଜରେ ହେବକୁଥିବା ଷ୍ଟ୍ରଙ୍ଗରୁମକୁ ପ୍ରାଥମିକ ପର୍ଯ୍ୟବେକ୍ଷଣ କଲେ ଜିଲ୍ଲାପାଳ ମନୋରଞ୍ଜନ ମଲ୍ଲିକ। ସୁରକ୍ଷା ଠାରୁ ଆରମ୍ଭ କରି ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ଦେଖିଲେ। ଏଠାରେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର, ଉପଜିଲ୍ଲାପାଳ ନାରାୟଣ ଚନ୍ଦ୍ର ନାୟକ, ଏସ୍‌ଡିପିଓ ପ୍ରଭାତ କୁମାର ତ୍ରିପାଠୀ, ପୂର୍ତ୍ତ ବିଭାଗ ଯନ୍ତ୍ରୀ ବିଜୟ କୁମାର ସେଠୀ, ଅଚ୍ୟୁତାନନ୍ଦ ମଲ୍ଲିକ, ମହାବିଦ୍ୟାଳୟ ଅଧ୍ୟକ୍ଷ ମଙ୍ଗୁଳି ଚରଣ ନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହିଥିଲେ।

## ● କାମାକ୍ଷାନଗର ଉପଖଣ୍ଡ ମେଡିକାଲ

# ଉନ୍ନତିକରଣ କାମ ଦେଖିଲେ ଜିଲ୍ଲାପାଳ



**କାମାକ୍ଷାନଗର, ୮।୧(ସମିସ):** କାମାକ୍ଷାନଗର ଉପଖଣ୍ଡ ମେଡ଼ିକାଲର ମୋ ଚିକିତ୍ସାଳୟ '୫-ଟି' କାମରେ ନୂତନ ଭାବରେ ନିର୍ମାଣ ଚାଲିଛି ଘର। ଯାହାକୁ ଅନୁଧ୍ୟାନ କରିଥିଲେ ଜିଲ୍ଲାପାଳ ମନୋରଞ୍ଜନ ମଲ୍ଲିକ। ପୁରୁଣା ମେଡ଼ିକାଲ ଘର ଓ କର୍ମଚାରୀଙ୍କ ଘରକୁ ଭାଙ୍ଗି ନୂତନ ଭାବରେ ଘର ନିର୍ମାଣ ହେବ, ଯାହାର ଅତ୍ୟାଧୁନିକ ଡିଜାଇନ କରାଯାଇଛି। ବଦଳିବ ମେଡ଼ିକାଲ ରୂପରଙ୍ଗ। ନୂଆ ମେଡ଼ିକାଲ ଭଲରେ କିପରି ହେବ ତାକୁ ଅନୁଧ୍ୟାନ କରିଥିଲେ ଜିଲ୍ଲାପାଳ। ଏହା ସାଙ୍ଗକୁ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ମଧ୍ୟ ଦେଖିଲେ। ଏଠାରେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଦିଲୀପ କୁମାର ବିଶ୍ୱାଳ, ଉପଜିଲ୍ଲାପାଳ ନାରାୟଣ ଚନ୍ଦ୍ର ନାୟକ, ଏସ୍‌ଡିପିଓ ପ୍ରଭାତ କୁମାର ତ୍ରିପାଠୀ, ଉପଖଣ୍ଡ ମୁଖ୍ୟ ଚିକିତ୍ସାଧିକାରୀ ଡ଼ଃ ଦିଗାମ୍ବର ସାହୁ, ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଜୟନ୍ତ ପ୍ରସାଦ ନାୟକ, ଯନ୍ତ୍ରୀ ବିଜୟ କୁମାର ସେଠୀ, ଅଚ୍ୟୁତାନନ୍ଦ ମଲ୍ଲିକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟଙ୍କ ପରଜଙ୍ଗ ଗସ୍ତ

**ଢେଙ୍କାନାଳ, ୮।୧(ସମିସ):** ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷଙ୍କ ନିର୍ଦ୍ଦେଶ କ୍ରମେ ସୋମବାର ଦିନ ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ର ବିଭିନ୍ନ ଶିକ୍ଷାନୁଷ୍ଠାନ ଏବଂ ଅଙ୍ଗନବାଡ଼ି କେନ୍ଦ୍ର ଅଚାନକ ପରିଦର୍ଶନ କରିଛନ୍ତି ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟ ଅକ୍ଷୟ ବେହେରା। କାର୍ଯ୍ୟକ୍ରମ ଅନୁସାରେ କୁଆଲୁ ଗ୍ରାମପଞ୍ଚାୟତର ୫ ଗୋଟି ଅଙ୍ଗନବାଡି କେନ୍ଦ୍ର ଓ ୨ଟି ସ୍କୁଲ, କଲଦା ପଞ୍ଚାୟତର ୨ଟି ଅଙ୍ଗନବାଡି କେନ୍ଦ୍ର ଓ ୨ଟି ସ୍କୁଲ ଏବଂ ସରାଙ୍ଗ ପଞ୍ଚାୟତର ୧ଗୋଟି ସ୍କୁଲ ପରିଦର୍ଶନ କରି ମଧ୍ୟାହ୍ନ ଭୋଜନର ମାନ ଯାଞ୍ଚ କରିଥିଲେ। ପରିଦର୍ଶନ ସମୟରେ ସ୍କୁଲ ଏବଂ ଅଙ୍ଗନବାଡି କେନ୍ଦ୍ରର ପରିବେଶ ପ୍ରତି ଅସନ୍ତୋଷ ପ୍ରକାଶ କରି ତାଗିଦ୍ କରିଥିଲେ। କିଛି ସ୍କୁଲ ଏବଂ ଅଙ୍ଗନବାଡ଼ି କେନ୍ଦ୍ରରେ ଅନିୟମିତତା ଓ ରୋଷେଇଶାଳର ଅପରିଚ୍ଛନ୍ନତାକୁ ଦେଖି ଶ୍ରୀଯୁକ୍ତ ବେହେରା ସେମାନଙ୍କୁ ତାଗିଦ୍ କରିଥିଲେ। ଅପରପକ୍ଷେ ଖାଦ୍ୟ ଆୟୋଗ ସଦସ୍ୟ ଏ ନେଇ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବାକୁ ବ୍ଲକ ଶିକ୍ଷା ଅଧିକାରୀ ଏବଂ ସିଡ଼ିପିଓଙ୍କୁ ନିର୍ଦ୍ଦେଶ କରିଥିଲେ। ଏପରି ଅଚାନକ ପରିଦର୍ଶନ ଆସନ୍ତା ଜାନୁୟାରୀ ୨୩ ପର୍ଯ୍ୟନ୍ତ ଜାରି ରହିବ ବୋଲି ଶ୍ରୀଯୁକ୍ତ ବେହେରା କହିଛନ୍ତି।



## ଅଶନବାହାଳିରେ ଉତ୍ତେଜନା

# କ୍ରସରକୁ ବିରୋଧ; ତହସିଲଦାରଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

କାମାକ୍ଷାନଗର, ୮।୧(ସମିସ)



କଙ୍କଡ଼ାହାଡ଼ ବ୍ଲକ ଘାଗରାମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଅଶନବାହାଳି ଗ୍ରାମରେ ନୂତନ କ୍ରସରକୁ ବିରୋଧ କରି ଗ୍ରାମବାସୀ ତହସିଲଦାରଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଆଜି ଗ୍ରାମ ସଭାପତି ଚନ୍ଦ୍ରମଣି ବାଘ, ସମ୍ପାଦକ ଶରତ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଗ୍ରାମବାସୀ ଏକ ସ୍ମାରକପତ୍ର ତହସିଲଦାରଙ୍କୁ ଦେଇଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ଗାଁ ବାହାରୁ ଜଣେ ବ୍ୟକ୍ତି ଗ୍ରାମରେ ନୂତନ କ୍ରସର ନିର୍ମାଣ ହେଉଥିବା ଖବର ବିରିବୋଲେଇ ରାଜସ୍ୱ ନିରୀକ୍ଷକଙ୍କ ଠାରୁ ଜାଣିବାକୁ ପାଇଲୁ। ଏହାପରେ ଗ୍ରାମବାସୀ ଏକତ୍ର ହୋଇ ୪/୧/୨୦୨୪ ରେ ଗ୍ରାମରେ ଏକ ବୈଠକ ଅନୁଷ୍ଠିତ ହୋଇ ସର୍ବ ସମ୍ମତିକ୍ରମେ ଗ୍ରାମରେ କ୍ରସର ନିର୍ମାଣକୁ ବିରୋଧ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସେମାନଙ୍କ ଅଭିଯୋଗ ଗ୍ରାମ ଚାରି ପାଖରେ ଚାଷ ଜମି ଥିବାରୁ କ୍ରସର ଧୂଳି ଉଡି ଚାଷ ଜମିରେ ପଡ଼ି ଚାଷ କ୍ଷତିଗ୍ରସ୍ତ ହେବ। ଯେଉଁଠି କ୍ରସର ନିର୍ମାଣ କାରାଯିବ ପାଖରେ ବିଦ୍ୟାଳୟ। କ୍ରସର ଧୂଳି(ଡଷ୍ଟ)ରେ ବିଭିନ୍ନ ପ୍ରକାର ରୋଗ ହେଉ ଥିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଜନସାଧାରଣଙ୍କ ସୁରକ୍ଷା ଓ ସ୍ୱାର୍ଥ ଦୃଷ୍ଟିରୁ ଗ୍ରାମରେ ନୂତନ କ୍ରସର ନିର୍ମାଣ କରାନଯିବା ସମ୍ବନ୍ଧେ ସ୍ଥାନୀୟ ଜିଲ୍ଲା ପରିଷଦ ସଦସ୍ୟ ନବକିଶୋର ସାହୁ, ଘାଗରାମୁଣ୍ଡା ସରପଞ୍ଚ ରଞ୍ଜିତା ନାଏକ ଲିଖିତ ଭାବେ ତହସିଲଦାରଙ୍କୁ ଜଣାଇଛନ୍ତି। ଏ ସଂକ୍ରାନ୍ତରେ ତହସିଲଦାର ସୌଦାମୀନ ନାୟକ କହିଛନ୍ତି ଗ୍ରାମବାସୀଙ୍କ ପକ୍ଷରୁ ଏକ ଅଭିଯୋଗ ପାଇଛି ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଦାବିପତ୍ର ଦେବା. ବେଳେ ଗ୍ରାମର ବ୍ରଜବନ୍ଧୁ ସାହୁ, ଟିକନ ବେହେରା, ପ୍ରକାଶ ସାହୁ, ବିଜୟ ବେହେରା, ଶଙ୍ଖାଳି ବେହେରା, କେଦାର ସେଠି, ଯୁଗଳ ସ୍ୱାଇଁ, ପ୍ରମୋଦ ସାହୁ, ପିନୁ ବେହେରା, ରମେଶ ବେହେରା ଉପସ୍ଥିତ ଥିଲେ।

# ଦୁଇ ପଞ୍ଚାୟତରେ ଭାରତ ସଂକଳ୍ପ ଯାତ୍ରା

**ମହାବିରୋଡ଼, ୮।୧(ସମିସ):** କେନ୍ଦ୍ରୀୟ ଯୋଜନା ଲୋକମାନେ କିଭଳି ସୁଚାରୁ ରୁପେ ପାଇ ପାରିବେ ସେ ଉପରେ ଆଜି କଙ୍କଡାହାଡ଼ ବ୍ଲକରେ ଭାରତ ସଂକଳ୍ପ ଯାତ୍ରାର ଶୁଭାରମ୍ଭ ହୋଇଥିଲା। ଏହି ଅବସରରେ ଦିବସରେ ଗଡ଼ପଳାଶୁଣି ପଞ୍ଚାୟତ ଓ ବାମ ପଞ୍ଚାୟତରେ ସଂକଳ୍ପ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ୨ ପଞ୍ଚାୟତର ବିଭିନ୍ନ ସମସ୍ୟା ନେଇ ଲୋକମାନେ ଅଭିଯୋଗପତ୍ର ଦେଇଥିଲେ। କାର୍ଯ୍ୟକ୍ରମରେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଭୂତି ଭୂଷଣ ପ୍ରଧାନ, ଗଡ଼ପଳାଶୁଣି ସରପଞ୍ଚ ମଞ୍ଜୁଲତା ରାଉଳ, ବାମ ସରପଞ୍ଚ ଫକୀର ଚରଣ ମହନ୍ତ, ପୂର୍ବତନ ସରପଞ୍ଚ ପ୍ରଦୀପ ସାମଲ ଯୋଗ ଦେଇଥିଲେ। ପଞ୍ଚାୟତର ବିଭିନ୍ନ ସମସ୍ୟା ଉପରେ ଆସୁଥିବା ଅଭିଯୋଗ ବ୍ଲକ କାର୍ଯ୍ୟାଳୟରେ ଯେଉଁ ବିଭାଗର ଅଭିଯୋଗ ସେହି ବିଭାଗରେ ଦିଆଯାଇ ସମସ୍ୟାର ସମାଧାନ କରାଯିବ ବୋଲି ବ୍ଲକ ନୋଡାଲ ଅଧିକାରୀ ସୂଚନା ଦେଇଛନ୍ତି।

